# NATIONAL NEWS BULLETIN (ODIA)
## 20 December - 2024
## Evening Bulletin : 7.15 p.m.

********************************

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୁଇ ଦିନିଆ କୁଏତ ଗସ୍ତ ଆସନ୍ତାକାଲିଠାରୁ ଆରମ୍ଭ ।
- ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଅଧ୍ୟକ୍ଷତାରେ ରାଜସ୍ଥାନରେ ପ୍ରାକ୍ ବଜେଟ୍ ପରାମର୍ଶ ବୈଠକ ଅନୁଷ୍ଠିତ ।
- ଭାରତ-ଚୀନ୍ ସୀମା ସମସ୍ୟାକୁ ୨୦୦୫ ମସିହାରେ ପ୍ରଣୟନ ହୋଇଥିବା ନୀତି ଓ ରାଜନୈତିକ ମାନଦଣ୍ଡ ଅନୁସାରେ ସମାଧାନ କରିବା ଲାଗି ଦୁଇ ଦେଶ ସହମତ ।
- ପ୍ରଥମ ବିଶ୍ୱ ଧ୍ୟାନ ଦିବସ ପାଳନ କରାଯିବ ଆସନ୍ତାକାଲି ।

ଏବଂ

- ରାଜସ୍ଥାନର ଭାଙ୍ଗରୋଟାରେ ଏକ ଗ୍ୟାସ୍ ଟ୍ୟାଙ୍କରରେ ଅଗ୍ନିକାଣ୍ଡ ଜନିତ ଦୁର୍ଘଟଣାରେ ମୃତ୍ୟୁ ସଂଖ୍ୟା ୯କୁ ବୃଦ୍ଧି ।

# ପ୍ରଧାନମନ୍ତ୍ରୀ- କୁଏତ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ଠାରୁ ଦୁଇ ଦିନିଆ କୁଏତ ଗସ୍ତ କରିବେ । କୁଏତର ଅମୀର **ଶେଖ୍ ମେଶାଲ ଅଲ୍ ଅହମ୍ମଦ ଅଲ୍ ଜାବେର ଅଲ୍ ସାବାହା**ଙ୍କ ନିମନ୍ତ୍ରଣକ୍ରମେ ଶ୍ରୀ ମୋଦୀ ସେଠାକୁ ଯାଉଛନ୍ତି ବୋଲି ବୈଦେଶିକ ମନ୍ତ୍ରଣାଳୟର ସମ୍ପୃକ୍ତ ବିଭାଗ ଦାୟିତ୍ୱ ଥିବା ସଚିବ ଅରୁଣ କୁମାର ଚାଟାର୍ଜୀ କହିଛନ୍ତି । ଆଜି ନୂଆଦିଲ୍ଲୀ ଠାରେ ଗଣମାଧ୍ୟମକୁ ଏ ସମ୍ପର୍କରେ ସୂଚନା ଦେଇ ସେ କହିଛନ୍ତି, ୪୩ ବର୍ଷ ମଧ୍ୟରେ ପ୍ରଥମ ଭାରତୀୟ ପ୍ରଧାନମନ୍ତ୍ରୀ ଭାବେ ଶ୍ରୀ ମୋଦୀ ଏହି ଦେଶ ଗସ୍ତ କରିବେ। ଏହି ଅବସରରେ ପ୍ରଧାନମନ୍ତ୍ରୀ କୁଏତର ନେତୃବୃନ୍ଦଙ୍କ ସହିତ ଦ୍ୱିପକ୍ଷୀୟ ତଥା ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିବେ। ପ୍ରଧାନମନ୍ତ୍ରୀଙ୍କ ଏହି ଗସ୍ତ ଦ୍ୱାରା ଭାରତ ଓ କୁଏତ ମଧ୍ୟରେ ବହୁପକ୍ଷୀୟ ସମ୍ପର୍କକୁ ଅଧିକ ସଶକ୍ତ କରିବାର ସୁଯୋଗ ସୃଷ୍ଟି ହୋଇପାରିବ ବୋଲି ଶ୍ରୀ ଚାଟାର୍ଜୀ କହିଛନ୍ତି। ସେ କହିଛନ୍ତି, ଭାରତ ଓ କୁଏତ୍ ମଧ୍ୟରେ ବହୁବର୍ଷ ଧରି ରହିଆସିଥିବା ଐତିହାସିକ ଓ ସଶକ୍ତ ଅର୍ଥନୈତିକ ସମ୍ପର୍କ ସହିତ ଏକ ଜୀବନ୍ତ ସାଂସ୍କୃତିକ ସଂଯୋଗ ମଧ୍ୟ ରହି ଆସିଛି । ଏହି ଅବସରରେ ସେଠାରେ ବସବାସ କରୁଥିବା ଭାରତୀୟଙ୍କ ସହିତ ମଧ୍ୟ ଶ୍ରୀ ମୋଦୀ ଭାବବିନିମୟ କରିବାର କାର୍ଯ୍ୟକ୍ରମ ରହିଛି ବୋଲି ଶ୍ରୀ ଚାଟାର୍ଜୀ ସୂଚନା ଦେଇଛନ୍ତି। ଗତ ସେପ୍ଟେମ୍ବର ମାସରେ ଅନୁଷ୍ଠିତ ମିଳିତ

ଜାତିସଂଘର ସାଧାରଣ ଅଧିବେଶନ ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କୁଏତର ପ୍ରିନ୍ସଙ୍କ ସହିତ ସାକ୍ଷାତ ଆଲୋଚନା କରିଥିଲେ ।

ଆମ ସମ୍ବାଦଦାତା ଜଣାଇଛନ୍ତି, ଭାରତ ଓ କୁଏତ ମଧ୍ୟରେ ପାରମ୍ପରିକ ତଥା ଐତିହାସିକ ବନ୍ଧୁତ୍ୱ ରହିଆସିଛି। କୁଏତର ଶ୍ରେଷ୍ଠ ବ୍ୟବସାୟିକ ଭାଗିଦାରୀଙ୍କ ମଧ୍ୟରେ ଭାରତ ଅନ୍ୟତମ। ସେଠାରେ ବସବାସ କରୁଥିବା ବିଦେଶୀଙ୍କ ମଧ୍ୟରେ ସର୍ବାଧିକ ଭାରତୀୟ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି।

# ନିର୍ମଳା ସୀତାରମଣ

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଅଧ୍ୟକ୍ଷତାରେ ରାଜସ୍ଥାନର ଜୟଶାଲ୍‌ମେର୍‌ରେ ପ୍ରାକ୍ ବଜେଟ୍ ପରାମର୍ଶ ବୈଠକ ଅନୁଷ୍ଠିତ ହୋଇଛି । ଏଥିରେ କେନ୍ଦ୍ର ଅର୍ଥରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ ଅଂଶଗ୍ରହଣ କରିଛନ୍ତି । ଏହି ବୈଠକରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ଗୋଆ, ହରିଆଣା, ଜାମ୍ମୁ କାଶ୍ମୀର ଓ ମେଘାଳୟର ମୁଖ୍ୟମନ୍ତ୍ରୀମାନେ ଯୋଗ ଦେଇଛନ୍ତି ।

ଏହାଛଡ଼ା ଅରୁଣାଚଳ ପ୍ରଦେଶ, ବିହାର, ମଧ୍ୟପ୍ରଦେଶ, ରାଜସ୍ଥାନ ଓ ତେଲଙ୍ଗାନାର ଉପମୁଖ୍ୟମନ୍ତ୍ରୀ ମାନେ ମଧ୍ୟ ଅଂଶଗ୍ରହଣ କରିଛନ୍ତି । ସେହିଭଳି ଏହି ବୈଠକରେ ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ଅର୍ଥ

ସଚିବଙ୍କ ସମେତ କେନ୍ଦ୍ର ସରକାରଙ୍କ ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ ।

ଅର୍ଥମନ୍ତ୍ରୀ ଶ୍ରୀମତୀ ସୀତାରମଣ ଆସନ୍ତାକାଲି ଜୟଶାଳ୍‌ମେର୍ ଠାରେ ଅନୁଷ୍ଠିତ ହେବାକୁ ଥିବା ଜି.ଏସ୍.ଟି. ପରିଷଦର ୫୫ତମ ବୈଠକରେ ଅଧ୍ୟକ୍ଷତା କରିବାର କାର୍ଯ୍ୟସୂଚୀ ରହିଛି ।

## ଏଲ୍‌ଏସ୍-ଗ୍ରାମ୍ୟ ନ୍ୟାୟାଳୟ

ଦେଶ ବ୍ୟାପି ବର୍ତ୍ତମାନ ୧୧ଟି ରାଜ୍ୟରେ ୩୧୩ଟି ଗ୍ରାମ୍ୟ ନ୍ୟାୟାଳୟ କାର୍ଯ୍ୟରତ ରହିଛି ବୋଲି ଆଇନ୍ ଓ ନ୍ୟାୟ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ଲୋକସଭାରେ କହିଛନ୍ତି । ଆଜି ଏ ସମ୍ପର୍କିତ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ଶ୍ରୀ ମେଘୱାଲ କହିଛନ୍ତି, ଜନସାଧାରଣଙ୍କୁ ସେମାନଙ୍କ ଗୃହ ନିକଟରେ ନ୍ୟାୟ ପ୍ରଦାନ କରିବା ଉପଲକ୍ଷେ ଏହି ନ୍ୟାୟାଳୟ ଗୁଡ଼ିକ କାର୍ଯ୍ୟ କରୁଛି । କୌଣସି ବ୍ୟକ୍ତି ସାମାଜିକ, ଅର୍ଥନୈତିକ ତଥା ଅନ୍ୟାନ୍ୟ ଅକ୍ଷମତା ଯୋଗୁଁ ଯେଭଳି ନ୍ୟାୟରୁ ବଞ୍ଚିତ ନ ହୁଅନ୍ତି ସେଥିପାଇଁ ଦେଶରେ ଗ୍ରାମ୍ୟ ନ୍ୟାୟାଳୟ ଆଇନ୍ କାର୍ଯ୍ୟକାରି କରାଯାଉଛି ।

## ଆର୍‌ଏସ୍‌-ରେଲ୍ ଆକ୍ସିଡେଣ୍ଟ

ସରକାରଙ୍କ ବିଭିନ୍ନ ପଦକ୍ଷେପ ଯୋଗୁଁ ଗତ ୧୦ ବର୍ଷ ମଧ୍ୟରେ ଦେଶରେ ରେଳ ଜନିତ ଦୁର୍ଘଟଣା ପ୍ରାୟ ଏକ ତୃତୀୟାଂଶ ହ୍ରାସ ପାଇଛି ବୋଲି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସୂଚନା ଦେଇଛନ୍ତି । ଆଜି ରାଜ୍ୟସଭାରେ ଏ ସମ୍ପର୍କିତ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ଶ୍ରୀ ବୈଷ୍ଣବ କହିଛନ୍ତି, ୨୦୧୪-୧୫ ବର୍ଷରେ ରେଳ ଦୁର୍ଘଟଣା ୧୩୫ ହୋଇଥିବା ବେଳେ ୨୦୨୩-୨୪ରେ ଏହା ୪୦କୁ ହ୍ରାସ ପାଇଛି । ସେହିଭଳି ୨୦୦୪ରୁ ୨୦୧୪ ମସିହା ମଧ୍ୟରେ ମୋଟ୍ ୧ହଜାର ୭୧୧ଟି ରେଳ ଦୁର୍ଘଟଣା ଘଟିଥିବା ବେଳେ ବର୍ତ୍ତମାନର ବିଜେପି ସରକାରଙ୍କ ବହୁବିଧ ପଦକ୍ଷେପ ଲାଗି ଏହା ୬୭୮କୁ ହ୍ରାସ ପାଇଛି ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।

## ଏଲ୍‌ଏସ୍‌-ଇଏଏମ୍

ବାଂଲାଦେଶରେ ହିନ୍ଦୁଙ୍କ ସମେତ ଅନ୍ୟ ସଂଖ୍ୟାଲଘୁ ସମ୍ପ୍ରଦାୟଙ୍କ ଉପରେ ହେଉଥିବା ଅତ୍ୟାଚାର ଘଟଣା ପ୍ରତି ସରକାର ତୀକ୍ଷ୍ଣ ଦୃଷ୍ଟି ରଖିଛନ୍ତି । ଏଥିସହିତ ବାଂଲାଦେଶ ସରକାରଙ୍କୁ ମଧ୍ୟ କେନ୍ଦ୍ର ସରକାର ନିଜର ଏ ସମ୍ପର୍କିତ ଉଦ୍‌ବେଗ ଜଣାଇଛନ୍ତି ବୋଲି ବୈଦେଶିକ ବ୍ୟାପାର ରାଷ୍ଟ୍ର ମନ୍ତ୍ରୀ କୀର୍ତ୍ତିବର୍ଦ୍ଧନ ସିଂହ ଆଜି ଲୋକସଭାରେ କହିଛନ୍ତି । ଏ ସମ୍ପର୍କିତ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ଶ୍ରୀ ସିଂହ କହିଛନ୍ତି, ହିନ୍ଦୁଙ୍କ ସମେତ

ଅନ୍ୟାନ୍ୟ ସଂଖ୍ୟାଲଘୁଙ୍କର କଲ୍ୟାଣ ତଥା ସୁରକ୍ଷା ସୁନିଶ୍ଚିତ କରିବା ଦିଗରେ ବାଂଲାଦେଶ ସରକାର ସମସ୍ତ ଆବଶ୍ୟକୀୟ ପଦକ୍ଷେପ ନେବେ ବୋଲି ଭାରତ ଆଶା ରଖିଛି । ଚଳିତ ମାସ ୯ ତାରିଖରେ ବୈଦେଶିକ ସଚିବ ବିକ୍ରମ ମିଶ୍ରିଙ୍କର ବାଂଲାଦେଶ ଗସ୍ତ ଅବସରରେ ମଧ୍ୟ ଭାରତ ଏ ସମ୍ପର୍କରେ ସେଠାକାର ସରକାରଙ୍କୁ ଅବଗତ କରାଇଛି । ଏହା ବ୍ୟତୀତ ଢାକାଠାରେ ଅବସ୍ଥାପିତ ଭାରତର ଉଚ୍ଚାୟୁକ୍ତ ସ୍ଥିତି ପ୍ରତି ତୀକ୍ଷ୍ଣ ଦୃଷ୍ଟି ରଖିଛନ୍ତି ବୋଲି ଶ୍ରୀ ସିଂହ କହିଛନ୍ତି ।

ସେହିଭଳି ପାକିସ୍ତାନରେ ସଂଖ୍ୟାଲଘୁ ସମ୍ପ୍ରଦାୟଙ୍କ ବିରୋଧ ହେଉଥିବା ହିଂସା ଘଟଣାରେ ନିଜ ପ୍ରତିକ୍ରିୟା ରଖି ମନ୍ତ୍ରୀ ଶ୍ରୀ ସିଂହ କହିଛନ୍ତି, ଭାରତ ଉପଯୁକ୍ତ ଆନ୍ତର୍ଜାତିକ କୂଟନୈତିକ ସ୍ତରରେ ଏହି ପ୍ରସଙ୍ଗ ଉତ୍ଥାପନ କରିଛି । ସଂଖ୍ୟାଲଘୁ ସମ୍ପ୍ରଦାୟଙ୍କ ପ୍ରତି ହେଉଥିବା ଧାର୍ମିକ ଅତ୍ୟାଚାର, ହିଂସା ଓ ଆକ୍ରମଣକୁ ରୋକିବା ସହିତ ସେମାନଙ୍କର ନିରାପତ୍ତାକୁ ସୁନିଶ୍ଚିତ କରିବା ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ଭାରତ ପାକିସ୍ତାନ ସରକାରଙ୍କୁ ଅନୁରୋଧ କରିଛି ବୋଲି ଶ୍ରୀ ସିଂହ କହିଛନ୍ତି ।

## ଭାରତ ଚୀନ୍

ଭାରତ ଓ ଚୀନ୍ ମଧ୍ୟରେ ସୀମା ସମ୍ପର୍କିତ ସମସ୍ୟାକୁ ୨୦୦୫ ମସିହାରେ ପ୍ରଣୟନ ହୋଇଥିବା ନୀତି ଓ ରାଜନୈତିକ ମାନଦଣ୍ଡ

ଅନୁସାରେ ସମାଧାନ କରିବା ଲାଗି ଦୁଇ ଦେଶ ସହମତ ହୋଇଛନ୍ତି । ଆଜି ନୂଆଦିଲ୍ଲୀ ଠାରେ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ ଗଣମାଧ୍ୟମକୁ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ସୀମା ସମସ୍ୟାର ଏକ ନ୍ୟାୟୋଚିତ ତଥା ଆପୋଷ ଗ୍ରହଣୀୟ ଯୋଗ୍ୟ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରିବା ଦିଗରେ ଭାରତ ଓ ଚୀନ୍ ନିଜର ପ୍ରତିଶ୍ରୁତିବଦ୍ଧତା ଦୋହରାଇଛନ୍ତି । ଗତ ୧୮ ତାରିଖ ଦିନ ବେଜିଂ ଠାରେ ଦୁଇ ଦେଶର ସ୍ୱତନ୍ତ୍ର ପ୍ରତିନିଧି ସ୍ତରୀୟ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି ।ଏହାଛଡ଼ା ଏକ ଶାନ୍ତିପୂର୍ଣ୍ଣ ସୀମା ପରିଚାଳନା ପ୍ରକ୍ରିୟାର ଅଗ୍ରଗତି ସମ୍ପର୍କରେ ମଧ୍ୟ ଏହି ବୈଠକରେ ସମୀକ୍ଷା କରାଯାଇଛି ବୋଲି ଶ୍ରୀ ଜୟସ୍ୱାଲ କହିଛନ୍ତି ।

ଅନ୍ୟ ଏକ ପ୍ରଶ୍ନର ଉତ୍ତର ଦେଇ ସେ କହିଛନ୍ତି, ଭାରତ ଏକ ଗଣତାନ୍ତ୍ରିକ, ସ୍ଥିର, ଶାନ୍ତିପୂର୍ଣ୍ଣ, ସମୃଦ୍ଧଶାଳୀ ତଥା ସମାବେଶୀ ବାଂଲାଦେଶକୁ ସମର୍ଥନ କରେ । ଭାରତ ବାଂଲାଦେଶ ସହିତ ଆପୋଷ ବିଶ୍ୱାସ, ସମ୍ମାନ ତଥା ପରସ୍ପରର ସ୍ୱାର୍ଥ ପ୍ରତି ସଚେତନ ଭିତ୍ତିକ ଏକ ସକାରାତ୍ମକ ତଥା ଗଠନମୂଳକ ସମ୍ପର୍କ ଚାହେଁ ବୋଲି ଶ୍ରୀ ଜୟସ୍ୱାଲ୍ କହିଛନ୍ତି ।

# ୱାର୍ଲ୍ଡ ମେଡିଟେସନ ଡେ

ବିଶ୍ୱରେ ସୁସ୍ଥତା, ଶାନ୍ତି ଏବଂ ଉତ୍ତମ ମାନସିକତାକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଆସନ୍ତାକାଲି ପ୍ରଥମଥର ପାଇଁ ବିଶ୍ୱ ଧ୍ୟାନ ଦିବସ ପାଳନ କରାଯିବ। ଚଳିତବର୍ଷ ଏହି ଦିବସର ବାର୍ତ୍ତା ରହିଛି **ବିଶ୍ୱ ଶାନ୍ତି ଓ ଐକ୍ୟ ନିମନ୍ତେ ଧ୍ୟାନ।** ଚଳିତମାସ ଆରମ୍ଭରେ ଜାତିସଂଘ ସାଧାରଣ ସଭାରେ ସର୍ବସମ୍ମତିକ୍ରମେ ଭାରତର ମିଳିତ ପ୍ରୟାସରେ ଡିସେମ୍ବର ୨୧ ତାରିଖକୁ ବିଶ୍ୱ ଧ୍ୟାନ ଦିବସ ଭାବେ ଘୋଷଣା କରିବାକୁ ସଂକଳ୍ପ ଗୃହୀତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଉଭୟ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ଏବଂ ସାମଗ୍ରିକ ସୁସ୍ଥତା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହେବ ।

ଏହି ଅବସରରେ ପ୍ରଖ୍ୟାତ ଆଧ୍ୟାତ୍ମିକ ଗୁରୁ ଶ୍ରୀଶ୍ରୀ ରବିଶଙ୍କର ନିଉୟର୍କସ୍ଥିତ ଜାତିସଂଘ ମୁଖ୍ୟାଳୟରେ ବକ୍ତବ୍ୟ ପ୍ରଦାନ କରିବେ ।

# ଆକ୍ସିଡେଣ୍ଟ

ରାଜସ୍ଥାନର ଜୟପୁରସ୍ଥିତ ଭାଙ୍କରୋଟା ଅଞ୍ଚଳରେ ଆଜି ସକାଳେ ଏକ ଗ୍ୟାସ୍ ଟ୍ୟାଙ୍କରରେ ଅଗ୍ନିକାଣ୍ଡ ଜନିତ ଦୁର୍ଘଟଣାରେ ମୃତ୍ୟୁ ସଂଖ୍ୟା ୯କୁ ବୃଦ୍ଧି ପାଇଛି । ଏଥିରେ ୩୦ରୁ ଅଧିକ ଆହତ ହୋଇଛନ୍ତି । ଆଜି ସକାଳେ ଆଜମେର ରାଜପଥରେ ଗୋଟିଏ ଗ୍ୟାସ୍ ଟ୍ୟାଙ୍କର ଅନ୍ୟ ଏକ ଟ୍ରକ୍ ସହିତ ମୁହାଁମୁହିଁ ଧକ୍କା ହେବା ଫଳରେ ଏହି ଅଗ୍ନିକାଣ୍ଡ ଘଟିଛି ।

ଅଗ୍ନିକାଣ୍ଡରେ ୨୯ଟି ଟ୍ରକ୍ ଓ ୨ଟି ବସ୍ ସମେତ ମୋଟ୍ ୪୦ଟି ଗାଡ଼ି ନଷ୍ଟ ହୋଇଯାଇଛି । ଘଟଣାସ୍ଥଳରେ ୪ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଚିକିତ୍ସାଧୀନ ଅବସ୍ଥାରେ ଅନ୍ୟ ୫ ଜଣଙ୍କ ମୃତ୍ୟୁ ହୋଇଥିବା ଆମ ସମ୍ବାଦଦାତା ଜଣାଇଛନ୍ତି । ଦୁର୍ଘଟଣାରେ ଆହତମାନଙ୍କୁ ନିକଟସ୍ଥ ଏସ୍‌ଏମ୍‌ଏସ୍ ହସ୍ପିଟାଲରେ ଚିକିତ୍ସା କରାଯାଉଛି । ସେମାନଙ୍କ ମଧ୍ୟରୁ ଅନେକଙ୍କ ଅବସ୍ଥା ସଂକଟାପନ୍ନ ରହିଛି । ମୁଖ୍ୟମନ୍ତ୍ରୀ ଭଜନଲାଲ ଶର୍ମା ଡାକ୍ତରଖାନାରେ ପହଞ୍ଚି ଆହତଙ୍କ ସ୍ୱାସ୍ଥ୍ୟାବସ୍ଥା ଅନୁଧ୍ୟାନ କରିଛନ୍ତି । ଏହି ଦୁର୍ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଆରମ୍ଭ ହୋଇଥିବା ଜଣାପଡ଼ିଛି ।

ଏହି ଦୁର୍ଘଟଣାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାମାଜିକ ଗଣମାଧ୍ୟମରେ ପୋଷ୍ଟରେ ଗଭୀର ଦୁଃଖ ପ୍ରକାଶ କରିଛନ୍ତି । ରାଷ୍ଟ୍ରପତି ମୃତକଙ୍କ ପରିବାର ପ୍ରତି ସମବେଦନା ଜଣାଇବା ସହିତ ଆହତମାନଙ୍କର ଆଶୁ ଆରୋଗ୍ୟକାମନା କରିଛନ୍ତି । ପ୍ରଧାନମନ୍ତ୍ରୀ ଏହି ଦୁର୍ଘଟଣା ସମ୍ପର୍କରେ ରାଜସ୍ଥାନ ମୁଖ୍ୟମନ୍ତ୍ରୀଙ୍କ ସହ କଥାବାର୍ତ୍ତା କରିବା ସହିତ କେନ୍ଦ୍ର ସରକାରଙ୍କ ପକ୍ଷରୁ ସମସ୍ତ ଆବଶ୍ୟକ ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ଏତଦ୍‌ବ୍ୟତୀତ ଶ୍ରୀ ମୋଦୀ ପ୍ରଧାନମନ୍ତ୍ରୀ ଜାତୀୟ ରିଲିଫ୍ ପାଣ୍ଠିରୁ ମୃତକଙ୍କ ପରିବାରବର୍ଗଙ୍କ ଲାଗି ୨ ଲକ୍ଷ ଟଙ୍କା ଲେଖାଏଁ ଏବଂ ଆହତଙ୍କ ଚିକିତ୍ସା

ଲାଗି ୫୦ ହଜାର ଟଙ୍କା ଲେଖାଏଁ ଅନୁକମ୍ପା ମୂଳକ ସହାୟତା ରାଶି ଘୋଷଣା କରିଛନ୍ତି ।

ଏହାଛଡ଼ା ରାଜସ୍ଥାନ ରାଜ୍ୟପାଳ ହରି ଭାଉ ବାଗଡେ ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଦୁଃଖ ପ୍ରକାଶ କରିଛନ୍ତି ।

## ଆଇଏମ୍‌ଡି-ଓ୍ୱେଦର

ଜାମ୍ମୁ କାଶ୍ମୀର ଓ ହିମାଚଳ ପ୍ରଦେଶର ଅଧିକାଂଶ ଅଞ୍ଚଳରେ ଆସନ୍ତା ୭ ଦିନ ପର୍ଯ୍ୟନ୍ତ ପ୍ରବଳ ଶୀତ ଅନୁଭୂତ ହେବ ବୋଲି ଭାରତୀୟ ପାଣିପାଗ ବିଭାଗ କହିଛି । ମିଳିଥିବା ସୂଚନା ଅନୁଯାୟୀ ପଞ୍ଜାବ ଓ ରାଜସ୍ଥାନରେ ମଧ୍ୟ ଆଗାମୀ ୪୮ ଘଣ୍ଟା ପର୍ଯ୍ୟନ୍ତ ଅନୁରୂପ ପାଗ ରହିବ । ସେହିଭଳି ଏହି ସମୟ ମଧ୍ୟରେ ହିମାଚଳ ପ୍ରଦେଶ, ପୂର୍ବ ରାଜସ୍ଥାନ, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ସିକ୍କିମ୍ ଓ ବିହାରରେ ବିଳମ୍ବିତ ରାତିରେ ତଥା ପ୍ରତ୍ୟୁଷରୁ ଘନ କୁହୁଡ଼ି  ଦେଖାଦେବାର ସମ୍ଭାବନା ରହିଛି । ଦିଲ୍ଲୀ ଜାତୀୟ ରାଜଧାନୀ ଅଞ୍ଚଳରେ ମଧ୍ୟ ଆଗାମୀ ଦୁଇ ଦିନ ସମାନ ଭାବେ କୁହୁଡ଼ି ଦେଖାଦେବ । ଆଗାମୀ ୫ ଦିନ ପର୍ଯ୍ୟନ୍ତ କେନ୍ଦ୍ରୀୟ ଭାରତର ଅନେକ ସ୍ଥାନରେ ସର୍ବନିମ୍ନ ତାପମାତ୍ରା ୨ରୁ ୩ ଡିଗ୍ରୀ ବୃଦ୍ଧି ପାଇବାର ସମ୍ଭାବନା ରହିଛି । ଇତିମଧ୍ୟରେ ଉପକୂଳ ଓଡ଼ିଶା ଓ ଆନ୍ଧ୍ରପ୍ରଦେଶର ଅନେକ ସ୍ଥାନରେ ହାଲୁକାରୁ

ମଧ୍ୟମଧରଣର ତଥା ସ୍ଥାନେ ସ୍ଥାନେ ପ୍ରବଳ ବର୍ଷା ଜାରି ରହିଥିବା ପାଣିପାଗ ବିଭାଗ କହିଛି ।